## ସଂକ୍ଷେପରେ

### ଅଜଗର ଉଦ୍ଧାର

ବଡବିଲ୍,୨୬।୭(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡ଼ବିଲ୍ ବନାଞ୍ଚଳ ଅନ୍ତର୍ଗତ ରୋଇଡ଼ାଠାରେ ଏକ ୩ ମିଟର ଲମ୍ୱ ଅଜଗର ଉଦ୍ଧାର ହୋଇଛି। ସ୍ଥାନୀୟ ଅଞ୍ଚଳର କେତେକ ପିଲା ଏହାକୁ ଧରି ବନବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଅଜଗରଟିକୁ ଉଦ୍ଧାର କରି ନିକଟସ୍ଥ ସିଦ୍ଧମଠ ସଂରକ୍ଷିତ ଜଙ୍ଗଲରେ ଛାଡ଼ିଛନ୍ତି। ନିକଟସ୍ଥ ଜଙ୍ଗଲରୁ ଏହା ଚାଲି ଆସିଥିବା ବନାଞ୍ଚଳ ଅଧିକାରୀ ମଧୁସୂଦନ ପାତ୍ର କହିଛନ୍ତି।

### ହାତୀ ପରେ ଅସୁରକ୍ଷିତ ହରିଣ



କେନ୍ଦୁଝର/ଚମ୍ପୁଆ, ୨୬।୭ (ସ୍ୱ.ପ୍ର.): କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜରେ ହାତୀ ପରେ ହରିଣ ମୃତ୍ୟୁ ବନ ବିଭାଗର ଚିନ୍ତା ବଢ଼ାଇ ଦେଇଛି । ଏହି ରେଞ୍ଜ ଅଧୀନ କଞ୍ଚନପୁର ଗାଁ ଭିତରକୁ ପଶି ଆସି ଗୁରୁତର ଆହତ ହୋଇଥିବା ଏକ ୫ ବର୍ଷର ମାଈ ହରିଣର ରବିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି । ହରିଣଟି କଇଁତା ଜଙ୍ଗଲରୁ ଚାଲିଆସିଥିବା କୁହାଯାଉଛି। କୁକୁର ଗୋଡ଼ାଇବାରୁ ପ୍ରାଣ ବିକଳରେ କଞ୍ଚନପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ଭିତରକୁ ପଶିଯାଇଥିଲା । ଆହତ ଅବସ୍ଥାରେ ଗ୍ରାମବାସୀ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଥିଲେ ମଧ ହରିଣଟିର ମୃତ୍ୟୁ ହୋଇଥିଲା । ବ୍ୟବଚ୍ଛେଦ ପରେ ମୃତ ହରିଣଟିକୁ ପୋତି ଦିଆଯିବ ବୋଲି ଚମ୍ପୁଆ ରେଞ୍ଜ ଅଫିସର ଘାଷିନାଥ ପାତ୍ର କହିଛନ୍ତି । ଗତ କିଛି ମାସ ମଧରେ ଜିଲାରେ ହାତୀ ଓ ହରିଣଙ୍କ ମୃତ୍ୟୁ ସଂଖ୍ୟା ବଢ଼ିଛି। ସେମାନଙ୍କ ସୁରକ୍ଷା ପାଇଁ ଦାବି ହେଉଛି।

### ଜୁଆ ଆଡ୍ଡାରେ ଚଢ଼ାଉ, ୨ ଗିରଫ

ଉଦଳା/କୁଆମରା,୨୬।୭(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା କୁଶଳଦା ଫାଣ୍ଡି ଅଧୀନ ଡିମଗଡ଼ିଆ ନିକଟସ୍ଥ କୁଚିଲାଡ଼ିହା ପଡ଼ିଆରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ଶନିବାର ପୋଲିସ ଚଢ଼ାଉ କରି ୨ ଜୁଆଡିଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ୩ଟି ବାଇକ୍, ୩ଟି ସାଇକେଲ୍, ଗୋଟିଏ ତାସ୍‌ପାଲି ଓ ୩୪୦୦ ଟଙ୍କା ଜବତ ହୋଇଛି। ତେବେ ସେଠାରେ ୧୦ରୁ ଅଧିକ ଜୁଆ ଖେଳରେ ସାମିଲ ହୋଇଥିବା ବେଳେ ପୋଲିସକୁ ଦେଖି କୌଶଳ କ୍ରମେ ଖସି ପଳାଇଥିଲେ। ଗିରଫ ୨ ଅଭିଯୁକ୍ତ ହେଲେ କପ୍ତିପଦା ଥାନା ଅଧୀନ ଗୁଡଗୁଡିଆ ଗ୍ରାମର ରତିକାନ୍ତ ମହାକୁଡ଼ ଏବଂ ନୀଳଗିରି ଥାନା ଅନ୍ତର୍ଗତ ଗୁଡିଶୋଲ ଗ୍ରାମର ଖଗେନ୍ଦ୍ର ମହାପାତ୍ର। ଏ ନେଇ ଏକ ମାମଲା ରୁଜୁ ହେବା ସହ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଫାଣ୍ଡି ଅଧିକାରୀ ନିତ୍ୟାନନ୍ଦ ଦାଶ ସୂଚନା ଦେଇଛନ୍ତି।

# ଜୀବିକା ଚିନ୍ତାରେ ଟେରାକୋଟା ଶିଳ୍ପୀ

ଭଦ୍ରକ ଅଫିସ, ୨୬।୭

ଦିନକୁ ଦିନ ଅଣାୟତ୍ତ ହୋଇପଡୁଛି ମହାମାରୀ କରୋନା। ଏହାଦ୍ୱାରା ସମସ୍ତ ବର୍ଗର ଲୋକେ ପ୍ରଭାବିତ ହୋଇଛନ୍ତି। ଛୋଟ ଓ ବଡ଼ ବ୍ୟବସାୟୀମାନେ ମୁଣ୍ଡରେ ହାତ ବସିଛନ୍ତି। ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ବିକ୍ରିବଟା କରି ଗୁଜୁରାଣ ମେଣ୍ଟାଉଥିବା ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ମଧ ଏଥିରୁ ବାଦ୍ ପଡ଼ିନାହାନ୍ତି। ଲକ୍‌ଡାଉନ ଓ ଶଟ୍‌ଡାଉନ କାରଣରୁ ପ୍ରାୟ ୪ମାସ ହେଲା ବିଭିନ୍ନ ବେପାର ବଣିଜ ଉପରେ ପ୍ରଶାସନ ପ୍ରତିବନ୍ଧକ ଲଗାଇଛନ୍ତି। ଏଭଳି ପରିସ୍ଥିତିରେ ଟେରାକୋଟା ଶିଳ୍ପୀମାନେ ବିଶେଷ ପ୍ରଭାବିତ ହୋଇଛନ୍ତି। ଲକ୍‌ଡାଉନ ସେମାନଙ୍କ ଜୀବନର ମୋଡ ବଦଳାଇ ଦେଇଛି।

ବନ୍ତ ବ୍ଲକ ଅଧୀନ ଆଗରପଡ଼ା ମହାନ୍ତିପଡ଼ା ପଞ୍ଚାୟତ ତ୍ରିଶାଳିଆ ଗ୍ରାମର ଦୁଇଟି ସ୍ୱୟଂ ସହାୟକ ଗୋଷ୍ଠୀ ଟେରାକୋଟା ଶିଳ୍ପରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ଏହି ଦୁଇ ଗୋଷ୍ଠୀର ପ୍ରତ୍ୟେକ ୧୫ଜଣ ଲେଖାଏଁ ମହିଳା ସରକାରଙ୍କ ବିଭିନ୍ନ ସ୍କିମ ଜରିଆରେ ନିଜ ଗାଁରେ ଟେରାକୋଟା ଶିଳ୍ପ ଆରମ୍ଭ କରିଥିଲେ। ଏହି ଦୁଇ ସ୍ୱୟଂ ସହାୟକ



ମହିଳା ଓ ଯୁବତୀମାନେ ଟେରାକୋଟା କାମ କରୁଛନ୍ତି।

- ବଦଳି ଯାଇଛି ଜୀବନର ମୋଡ଼
- ସ୍ଥିତି ସୁଧୁରିଲେ ସ୍ୱାଭାବିକ ହେବ ବ୍ୟବସାୟ

ଗୋଷ୍ଠୀମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଟ୍ରେନିଂ ଦିଆଯିବା ପରେ ସେମାନେ ତିଆରି କରିଆସୁଥିଲେ ମାଟିରେ ବିଭିନ୍ନ ପ୍ରକାର ଆକର୍ଷଣୀୟ ମୂର୍ତ୍ତି। ମହିଳାମାନେ ମାଟିରେ ତିଆରି ହୋଇଥିବା ଜଗନ୍ନାଥ ମୂର୍ତ୍ତି, ତାରିଣୀ ମୂର୍ତ୍ତି, ଗଣେଶ ମୂର୍ତ୍ତି, ହାତୀ, ଘୋଡ଼ା, ଗଛ, ମଣିଷ, ଫୁଲଦାନୀ, ଫୁଲକୁଣ୍ଡ ଆଦି ତିଆରି କରି ବେଶ୍ ଦୁଇ ପଇସା ରୋଜଗାର କରି ଚଳୁଥିଲେ। ନିଜେ ସ୍ୱାବଲମ୍ବୀ ହେବା ସହ ସେମାନେ ପରିବାର ମଧ ଚଳାଉଥିଲେ। ହେଲେ ଦୀର୍ଘ ୪ମାସ ଧରି ଲକ୍‌ଡାଉନକୁ ନେଇ ସେମାନେ ଏବେ ଚିନ୍ତାରେ ପଡ଼ିଯାଇଛନ୍ତି। ନା କିଛି ମୂର୍ତ୍ତି ତିଆରି କରିପାରୁଛନ୍ତି ନା ବିକ୍ରୟ କରିପାରୁଛନ୍ତି, ଯାହାକି ପରିବାର ଚଳାଉଥିବା ଏହି ମହିଳାମାନଙ୍କ ପାଇଁ ଏବେ କଷ୍ଟକର ହୋଇପଡ଼ିଛି ବୋଲି କୁହନ୍ତି ଟେରାକୋଟା ଶିଳ୍ପୀ ସୁଜଳା ରଣା ଓ କମଳା ପାଢ଼ୀ। ଅନ୍ୟପକ୍ଷରେ ଲକ୍‌ଡାଉନ କାରଣରୁ ବିଭିନ୍ନ ଜିଲାରେ ଜିଲା ପ୍ରଶାସନ ହେଉ ଅବା ଘରୋଇ ଉଦ୍ୟମରେ ହେଉଥିବା ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିଛି। ଫଳରେ ଷ୍ଟଲ ପକାଇ ମହିଳା ସଙ୍ଗଠନର କର୍ମକର୍ତ୍ତାମାନେ କରୁଥିବା ବିକ୍ରିବଟା ବନ୍ଦ ରହିଛି। ଏହି ସମୟରେ ବିଭିନ୍ନ ସରକାରୀ କି ବେସରକାରୀ ମେଳାରେ ଷ୍ଟଲ ପକାଇ ଦୁଇ ପଇସା ରୋଜଗାର କରିଥାନ୍ତେ। ହେଲେ ଲକ୍‌ଡାଉନରେ କୌଣସି ଦୋକାନବଜାର ଖୋଲା ରହୁଛି ନା କୌଣସି ପ୍ରଶାସନ ପକ୍ଷରୁ ମେଳା ପଡ଼ିପାରୁଛି। ସେଥିପାଇଁ ଆଗରପଡ଼ାର ଏହି ଟେରାକୋଟା ଶିଳ୍ପୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତିଆରି ହୋଇଥିବା କିଛି ମୂର୍ତ୍ତି ମଧ ଭାଙ୍ଗିରୁଜି ନଷ୍ଟ ହେବାକୁ ବସିଲାଣି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି। ସରକାରୀ ସହାୟତା ଯୋଗାଇ ଦେବାକୁ ନିରୁପମା ସାହୁ ଦାବି କରିଛନ୍ତି । ଏ ସମ୍ପର୍କରେ ଜିଲା ଶିଳ୍ପ କେନ୍ଦ୍ରର ଜେନେରାଲ ମ୍ୟାନଜେର ପୀତାମ୍ବର ପରିଡ଼ାଙ୍କୁ ପଚରାଯିବାରୁ ଲକ୍‌ଡାଉନର ପ୍ରଭାବ ଏହି କାରିଗରଙ୍କ ଉପରେ ପଡ଼ିଛି। ସ୍ୱାଭାବିକ ଅବସ୍ଥା ଫେରିଲେ ଜିଲା ଶିଳ୍ପ ବିଭାଗ ପକ୍ଷରୁ ସେମାନଙ୍କ ଟେରାକୋଟା ମୂର୍ତ୍ତିକୁ ବେପାର କରିବା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ପ୍ରତିକ୍ରିୟା ରଖିଛନ୍ତି।

## ୫୦ହଜାର ଟଙ୍କା ମୂଲ୍ୟର କାଠ ଜବତ

ଉଦଳା/କୁଆମରା, ୨୬।୭(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ବାଲିଚିଲିମା ଛକରୁ ଗୋପବନ୍ଧୁ ନଗର ବ୍ଲକ ଆରପଟାକୁ ସଂଯୋଗ କରୁଥିବା ରାସ୍ତାର ପାଳଶା ନିକଟରୁ ରବିବାର ଭୋର ସମୟରେ ବନ ବିଭାଗ ଏକ ଶାଗୁଆନ କାଠ ବୋଝେଇ ଟାଟା ଏସିଇ ଜବତ କରିଛି। ଏଥିରେ ୭ଟି ଶାଗୁଆନ ଗଣ୍ଡି ଲଦା ହୋଇ ବାଲେଶ୍ୱର ଅଭିମୁଖେ ଯାଉଥିଲା। ଚଢ଼ାଉ ସମୟରେ ଡ୍ରାଇଭର ଫେରାର ହୋଇ ଯାଇଥିଲେ। ଜବତ କାଠର ମୂଲ୍ୟ ୫୦ହଜାର ଟଙ୍କା ହେବ ବୋଲି ବିଭାଗ ସୂଚନା ଦେଇଛି। ଉଦଳା ରେଞ୍ଜର ଅଜୟ କୁମାର ଦାସଙ୍କ ନେତୃତ୍ୱରେ କୁଆମରା ଫରେଷ୍ଟର ଧ୍ରୁବଚରଣ ବସନ୍ତିଆ, ଉଦଳା ଫରେଷ୍ଟର ତ୍ରିନାଥ ସାମଲ, ଫରେଷ୍ଟ ଗାର୍ଡ ଦିଲ୍ଲୀପ କୁମାର ବେହେରାଙ୍କ ସମେତ ବନ କର୍ମଚାରୀମାନେ ଚଢ଼ାଉରେ ସାମିଲ ହୋଇଥିଲେ। ଜବତ କାଠ କେଉଁଠୁ ଆସିଥିଲା ଓ କେଉଁଠାକୁ ଯାଉଥିଲା ତାହା ତଦନ୍ତ ପରେ ଜଣା ପଡ଼ିବ ବୋଲି ଫରେଷ୍ଟର ବସନ୍ତିଆ ସୂଚନା ଦେଇଛନ୍ତି।

## 'ଶହୀଦଙ୍କ ବଳିଦାନ ବ୍ୟର୍ଥ ଯିବନି'

ବାଲିଆପାଳ, ୨୬।୭(ଡି.ଏନ.ଏ.)

### ଭୂତପୂର୍ବ ସୈନିକ ସଙ୍ଗଠନ ପକ୍ଷରୁ କାର୍ଗିଲ ବିଜୟୀ ଦିବସ

ଭୂତପୂର୍ବ ସୈନିକ ସଙ୍ଗଠନ ବାଲିଆପାଳ ଶାଖା ପକ୍ଷରୁ ରବିବାର କାର୍ଗିଲ ବିଜୟୀ ଦିବସ ପାଳିତ ହୋଇଯାଇଛି। କରୋନା ଲକ୍‌ଡାଉନ ସହିତ ସରକାରଙ୍କ କଟକଣାକୁ ସମ୍ମାନ ଜଣାଇ ଶାଖା କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଛି।

୧୯୯୯ ମସିହାରେ ଭାରତ ସୀମା କାର୍ଗିଲରୁ ଭାରତୀୟ ସୈନିକ ପାକିସ୍ତାନ ସୈନ୍ୟମାନଙ୍କୁ ଭାରତ ସୀମାରୁ ହଟାଇ ଦେଇଥିଲେ। ଏହି ଯୁଦ୍ଧରେ ଭାରତର ବହୁ ବୀର ଯବାନମାନେ ଦେଶ ପାଇଁ ଶହିଦ ହୋଇଥିଲେ। ଶହୀଦଙ୍କ ବଳିଦାନ କେବେ ବ୍ୟର୍ଥ ଯିବନାହିଁ । ସେହିଦିନଠାରୁ ଦୀର୍ଘ ୨୧ ବର୍ଷ ଧରି ଭାରତରେ ବିଜୟୀ ଦିବସ ପାଳନ କରାଯାଉଛି ବୋଲି ବକ୍ତାମାନେ କହିଥିଲେ। ଚଳିତବର୍ଷ ଆୟୋଜିତ କାର୍ଯ୍ୟକ୍ରମରେ ଶାଖାର ସଭାପତି ରାମ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ। ଭୂତପୂର୍ବ ସୈନିକମାନେ କ୍ୟାଣ୍ଡେଲ ଜାଳି ଶହୀଦ ବୀରଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନ୍ୟମାନଙ୍କ ମଧରେ ଉପସଭାପତି ମନୋଜ ସି, ସମ୍ପାଦକ ରାଧାନାଥ ରାଉତ, କମଳଲୋଚନ ପିଳା, ପଦ୍ମଲୋଚନ ଚକ୍ରବର୍ତ୍ତୀ, ଚୈତନ୍ୟ ପ୍ରଧାନ, ରଣଜିତ୍ ନନ୍ଦି ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଆସନ୍ତା ବର୍ଷକୁ ବ୍ୟାପକ ଭାବରେ ପାଳନ କରାଯିବ ବୋଲି ଶାଖାର ପ୍ରବକ୍ତା ମନୋଜ ସି କହିଥିଲେ। ଭୂତପୂର୍ବ ସୈନିକ ରଣଜିତ ନନ୍ଦି ଧନ୍ୟବାଦ ଦେଇଥିଲେ।



କାର୍ଗିଲ ବିଜୟୀ ଦିବସ ପାଳନ ଅବସରରେ ଉପସ୍ଥିତ ସଙ୍ଗଠନର କର୍ମକର୍ତ୍ତା।

## ରେଳଧାରଣାରେ ଶୋଇଥିବା ବେଳେ ମାଡିଗଲା ଟ୍ରେନ୍, ଜଣେ ମୃତ

ଯୋଡା, ୨୬।୭(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ଥାନା ଅନ୍ତର୍ଗତ ଲହଣ୍ଡା ପେଟ୍ରୋଲ ପମ୍ପ ନିକଟ ରେଳଧାରଣାରେ ଟ୍ରେନ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ପୋଲିସର ସୂଚନାନୁଯାୟୀ, ଝାଡଖଣ୍ଡ ରାଜ୍ୟ ନୂଆମୁଣ୍ଡି ସରବଲି ଅଞ୍ଚଳର ସାଓନ ପୁର୍ତ୍ତି, ଶିବ ଦାସ ଓ କମାରଯୋଡା ଅଞ୍ଚଳର ଚିଷ୍ଣୁ କାଳନ୍ଦୀ ଶନିବାର ବିଳମ୍ବିତ ରାତିରେ ଉକ୍ତ ଲହଣ୍ଡା ପେଟ୍ରୋଲ ପମ୍ପ ନିକଟ ରେଳଧାରଣା ଉପରେ ଶୋଇଥିଲେ। ଏହି ସମୟରେ ହଠାତ୍ ଏକ ମାଲ ବୋଝେଇ ଟ୍ରେନ୍ ଆସିଯାଇଥିଲା। ଟ୍ରେନ୍ ଧକ୍କାରେ ସାଓନ ପୁର୍ତ୍ତିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଚିଷ୍ଣୁ କାଳନ୍ଦୀ ସାମାନ୍ୟ ଆହତ ହୋଇଥିଲେ ଏବଂ ଅନ୍ୟ ଜଣେ ଯୁବକ ଶିବ ଦାସ ଅଳ୍ପକେ ବର୍ତ୍ତିଯାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଯୋଡା ଥାନାରେ ମାମଲା(ନଂ. ୨୭/୨୦୨୦) ରୁଜୁ କରି ଅଧିକ ତଦନ୍ତ ଚଳାଇଛି ।



କଣ୍ଟାବଣିଆ ଗାଁ ସିଲ୍ ପରେ ପରିସ୍ଥିତି ଯାଞ୍ଚ କରାଯାଉଛି।

## କଣ୍ଟେନମେଣ୍ଟ ଜୋନ୍‌ରେ କଣ୍ଟାବଣିଆ ଗାଁ

ରସାଳପୁର, ୨୬।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ସଦର ବ୍ଲକ ଗେଙ୍ଗୁଟି ପଞ୍ଚାୟତ ସରପଞ୍ଚ ବିରୁପାକ୍ଷ ମହାପାତ୍ର କଣ୍ଟାବଣିଆ ଗାଁକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରିଛନ୍ତି। ଗତ ୨୫ତାରିଖ ଶନିବାର ମଧରାତ୍ରିଠାରୁ ଅଗଷ୍ଟ ୧ତାରିଖ ମଧରାତ୍ରି ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ଉକ୍ତ ଗାଁକୁ ଯିବା ପାଇଁ ଦୁଇଟି ରାସ୍ତାକୁ ଅବରୋଧ କରାଯାଇ ସିଲ୍ କରାଯାଇଛି। ରାସ୍ତା ସିଲ୍ ସମୟରେ ଏପିଡି ନିଲୁ ମହାପାତ୍ର, ବିଡ଼ିଓ ନରେନ୍ଦ୍ର ଖମାରୀ, ଏବିଡ଼ିଓଙ୍କ ସମେତ ସ୍ଥାନୀୟ ସରପଞ୍ଚ, ଆଶା, ଅଙ୍ଗନୱାଡ଼ି କର୍ମୀ ଏବଂ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ। ଗତ ଗୁରୁବାର ଉକ୍ତ ଗ୍ରାମର ଜଣେ ଯୁବକ କରୋନା ପଜିଟିଭ୍ ଥିବା ମେଡ଼ିକାଲ ପକ୍ଷରୁ ସୂଚନା ଦିଆଯାଇଥିଲା। ଉକ୍ତ ଯୁବକଙ୍କୁ ଶୁକ୍ରବାର ରାତିରେ ମେଡ଼ିକାଲ ପ୍ରଶାସନ ପକ୍ଷରୁ ଜିଲା କୋଭିଡ୍ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ଶନିବାର ମେଡ଼ିକାଲ ଟିମ୍ ଉକ୍ତ ଗ୍ରାମରେ ପହଞ୍ଚି ତାଙ୍କ ଟ୍ରାଭେଲ ହିଷ୍ଟ୍ରି ଅନୁଯାୟୀ ୩୦ ଜଣଙ୍କର ସ୍ୱାବ ପରୀକ୍ଷା କରିଥିବା ବେଳେ ୫ଜଣଙ୍କର ପଜିଟିଭ୍ ହୋଇଥିଲା। ଆହୁରି ପଜିଟିଭ୍ ବାହାରିବାର ଆଶଙ୍କା ଥିବାବେଳେ ଜିଲା ପ୍ରଶାସନ ଅନୁମତିକ୍ରମେ ସରପଞ୍ଚ ଉକ୍ତ ଗାଁକୁ ୭ଦିନ ପାଇଁ ସିଲ୍ କରିଥିବା କହିଛନ୍ତି।

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ
OFFICE OF THE CDM & PHO, ANGUL
ଓଡ଼ିଶା ଶାସନ
No.1792 Date 24.07.2020

WALK-IN-INTERVIEW UNDER COVID-19

A walk in interview shall be conducted for the post of Paramedics to be engaged in COVID CARE HOME (CCH)/COVID GRUHAs at Panchayat level of Angul District. The details is as mentioned below.

| Sl. No. | Name of the post | Vacancy | Per day honorarium in (Rs.) | Eligibility | Date, time & venue of Walk-in-Interview | Mode of selection |
|---|---|---|---|---|---|---|
| 1. | MPHW(F) | 229 | Rs.850/- only | Unemployed Trained and Registered MPHW (F) | 05.08.2020 at 10.00 A.M. in Govt. High School, Angul | Career and Interview |

The eligible candidates of Angul district are hereby informed to attend the walk-in-interview on the above mentioned Date, Time & Venue with the following document. (Original with a set of self attested Photocopies of the original documents).

1. Completely filled up application from as available in the district website i.e. www.angul.nic.in.
2. Certificates in support of Educations (10th and 10+2 Certificate and Mark sheet).
3. Certificate in support of Technical Qualification (Pass Certificate of Auxiliary Nurse & Midwives Examination (ANM) & Certificate of Registration of Odisha Nurses & Midwives Council)
4. Medical fitness Certificate.
5. Documents in support of Age Proof.
6. Identity Proof.
7. Residence Certificate
8. Two recent color pass port size photographs.

The engagement is purely temporary, for a period of 03 (three) months only or till COVID CARE HOMEs are functional, whichever is earlier, keeping in view the emergency situation arising due to COVID-19. The engagement is terminable at any period of time without assigning any reason thereof. Further, such engagement does not confer any right on the engagee for any future engagement/regularization of such engagement. In view of spreading of COVID-19 the candidates are only allowed inside the campus of the venue and with proper mask, hand sanitization and they should maintain adequate distance from each other while appearing in the walk-in-interview. The undersigned is not responsible for any transport delay and the candidates appearing in the walk-in-interview are not permissible for any TA/DA. No ORV Rules to be implemented for the selection of the candidates as it is a temporary engagement. Personal correspondence regarding of the above walk-in-interview is strictly prohibited. Candidates are strictly informed not to submit their application and other documents over E-mail/Postal/Courier etc. Typographical error (if any) may be exempted

Sd./-
Chief District Medical & Public Health Officer, Angul

# ରାସ୍ତା, ନାଳ ଉପରୁ ହଟିଲା ଅବରୋଧ



ଜେସିବି ମେଶିନ୍ ମାଧମରେ ଜଳ ନିଷ୍କାସନ ନାଳ ଖୋଳା ଯାଉଛି ।

### ଧରିତ୍ରୀ ପ୍ରଭାବ

### ନିଷ୍କାସନ ନାଳ ତିଆରି କଲା ପାଣି ପଞ୍ଚାୟତ

ବନ୍ତ, ୨୬।୭(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ତହସିଲ ଅଧୀନ ଶାଳକଣିଆ, ବାଙ୍ଗୋରପଦୀ, ସଖିପାଟଣା ମୌଜାର ଚକ ରାସ୍ତା ଓ ନାଳକୁ କେତେକ ଚାଷୀ ଅବରୋଧ କରିଥିବା ଯୋଗୁ ପ୍ରାୟ ଶହେ ଏକର ଚାଷ ଜମି ପଡିଆ ପଡିବା ଆଶଙ୍କା ଦେଖାଦେଇଛି। ଏନେଇ ଗତ ୧୭ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପୋଲିସ ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ଥାନାଧିକାରୀ ମିନା ବିନ୍ଧାଣୀ ଉକ୍ତ ମୌଜା ଅଧୀନ ପାଣି ପଞ୍ଚାୟତର କର୍ମକର୍ତ୍ତାଙ୍କୁ ଡକାଇ ସମସ୍ୟାର ସମାଧାନ କରିବା ପାଇଁ ତାଗିଦ୍ କରିଥିଲେ। ଫଳରେ ଗତ ୨୪ତାରିଖରେ ପାଣି ପଞ୍ଚାୟତର କର୍ମକର୍ତ୍ତା ଓ ଚାଷୀମାନେ ଥାନାରେ ବସି ଆଲୋଚନା କରିଥିଲେ । ଅବରୋଧ ହୋଇଥିବା ସରକାରୀ ରାସ୍ତା ଓ ନାଳକୁ ଚାଷୀମାନେ ଛାଡି ଦେବା ସହ ୨ଦିନ ମଧରେ ନିଷ୍କାସନ ନାଳ ତିଆରି କରାଯିବାକୁ ନିଷ୍ପତ୍ତି ହୋଇଥିଲା । ସମାଧାନ ବୈଠକରେ ପାଣି ପଞ୍ଚାୟତର ସମ୍ପାଦକ ଆଦିତ୍ୟ କେଶରୀ ସାହୁ, ସଭାପତି ପ୍ରଫୁଲ୍ଲ କୁମାର ନାୟକ, ଚାଷୀ ପରମେଶ୍ୱର ବାରିକ, ଅନନ୍ତ ଚରଣ ପୃଷ୍ଟି, ଶରତ ଚନ୍ଦ୍ର କର, ରବିନ୍ଦ୍ର କର, ପଞ୍ଚାନନ କର, ବିଜୟ କର, ରାମ ଚନ୍ଦ୍ର ବାରିକ, ଆଦିକନ୍ଦ ସାହୁ, ଭାସ୍କର ଶତପଥୀ, ମାନସ ମିଶ୍ର, ଜଗବନ୍ଧୁ ସାହୁ, ଧନେଶ୍ୱର ସାହୁ, ଦିନବନ୍ଧୁ ପଣ୍ଡା, ଚିନ୍ତାମଣି ସେନାପତି, ଲକ୍ଷ୍ମୀକାନ୍ତ ସାହୁ ଉପସ୍ଥିତ ଥିଲେ । ଫଳସ୍ୱରୂପ ରବିବାର ପାଣି ପଞ୍ଚାୟତ ପକ୍ଷରୁ ଜେସିବି ମେସିନ ମାଧମରେ ଜଳ ନିଷ୍କାସନ ନାଳ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ଜଣାଯାଇଛି ।

## ସଂକ୍ଷେପରେ

### ଆମ୍ବଲିଅଠା ଗାଁ ଶଟ୍‌ଡାଉନ୍

ଜଳେଶ୍ୱର, ୨୬।୭(ସ୍ୱ.ପ୍ର.)-ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ନଛିମପୁର ପଞ୍ଚାୟତର ଉପାନ୍ତ ଗାଁ ଆମ୍ବଲିଅଠାରେ ୧୫ଜଣ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ସରପଞ୍ଚ ଆସନ୍ତା ସୋମବାର ମଧ୍ୟାହ୍ନ ୧୨ଟାରୁ ସଟ୍‌ଡାଉନ୍ ଘୋଷଣା କରିଛନ୍ତି। ପ୍ରତିଦିନ ଦ୍ୱି ପ୍ରହରରୁ ସକାଳ ୫ଟା ଯାଏ କୋଭିଡ ନିୟମ ସମ୍ପର୍କରେ ରବିବାର ମାଇକ୍ ଯୋଗେ ସୂଚନା ଦିଆଯାଇଛି। ଏହି ଗାଁରେ ୧୫ଜଣ ଚିହ୍ନଟ ହୋଇଥିବା ବେଳେ ଗୋଟିଏ ପରିବାରରୁ ୮ଜଣ ଚିହ୍ନଟ ହୋଇଥିବାରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଥିବା ସରପଞ୍ଚ ଦୀପାଳି ଜେନା କହିଛନ୍ତି। ସଟ୍‌ଡାଉନ୍‌ର କୋହଳ ନିୟମ ଲାଗୁ କରାଯାଇଥିବାରୁ ଅଧିକ କଟକଣା ଲାଗୁ ହେବ ନାହିଁ ବୋଲି ସେ କହିଛନ୍ତି । କିନ୍ତୁ ସକାଳ ୫ରୁ ଦିନ ୧୨ଟା ପରେ ଏହି ନିୟମକୁ କଡ଼ାକଡ଼ି କରାଯିବ ବୋଲି ସେ କହିଛନ୍ତି। ଗାଁର ଆଶା ଓ ଅଙ୍ଗନୱାଡ଼ି କର୍ମୀ ଘରକୁ ଘର ବୁଲି ଜ୍ୱର, ଥଣ୍ଡା, କାଶ, ଡାଇବେଟିସ୍ ଆଦି ରୋଗୀ ଚିହ୍ନଟ କାର୍ଯ୍ୟ ଚାଲୁ ରଖିଛନ୍ତି।

### ଜମିବାଡ଼ି ବିବାଦକୁ ନେଇ ମାରପିଟ୍ : ଜଣେ ଗିରଫ

ପଦ୍ମପୁର,୨୬।୭(ଡି.ଏନ୍.ଏ.)- ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ପଞ୍ଚାୟତର ଜୟକୃଷ୍ଣପୁର ଗ୍ରାମରେ ୪ ଦିନ ତଳେ ଜମିବାଡ଼ି ବିବାଦକୁ ନେଇ ଦୁଇ ପରିବାର ମଧ୍ୟରେ ମାରପିଟ୍ ହୋଇଥିଲା। ଏଥିରେ ୩ ଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ଅବସ୍ଥାରେ କଟକରେ ଚିକିତ୍ସାଧିନ ଅଛନ୍ତି। ଏନେଇ ନାୟକାଣିଡିହୀ ଥାନାରେ ମାନସୀ ବଳଙ୍କ ଅଭିଯୋଗକ୍ରମେ ୫ଜଣଙ୍କ ନାମରେ ମାମଲା(ନଂ. ୮୦/୨୦) ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇ ଅଭିଯୁକ୍ତ ଶ୍ରୀକାନ୍ତ ବଳଙ୍କୁ ରବିବାର ଗିରଫ କରିଛି।

### ବାଇକ୍ ଚୋରି ଅଭିଯୋଗରେ ଯୁବକ ଗିରଫ

ବାସୁଦେବପୁର, ୨୬।୭(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ବଜାର ନିକଟସ୍ଥ ରାସ୍ତାକଡ଼ରୁ ଶମ୍ଭୁନାଥ ମାନାଙ୍କ ବାଇକ୍ ଗତ ୧୩ ତାରିଖରେ ଚୋରି ହୋଇଥିଲା। ବାସୁଦେବପୁର ପୋଲିସ ତଦନ୍ତ କରି ବାଇକ ଚୋରି ଅଭିଯୋଗରେ ଚନ୍ଦନପୁର ଗ୍ରାମର ଅଭୟ କୁମାର ବାରିକଙ୍କୁ ରବିବାର ଗିରଫ କରିଛି। ଚୋରି ବାଇକ୍(ନଂ. ଓଡି ୨୨ ଜି ୬୦୭୯)କୁ ମଧ ଜବତ କରାଯାଇଛି। ଏନେଇ ଥାନାରେ ମାମଲା(ନଂ. ୧୭୫/୨୦) ରୁଜୁ ହୋଇଛି।

### ବୈତରଣୀକୁ ଗାଧୋଇ ଯାଇ ବାଳକ ନିଖୋଜ

ଭଣ୍ଡାରିପୋଖରୀ, ୨୬।୭(ଡି.ଏନ.ଏ.)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଝୁଟଣା ପଞ୍ଚାୟତ ଝୁଟଣା ଗ୍ରାମର ବିଶ୍ୱନାଥ ସାହୁଙ୍କ ୧୨ବର୍ଷର ପୁଅ ରାଜେଶ ବୈତରଣୀ ନଦୀକୁ ଗାଧୋଇବାକୁ ଯାଇ ନିଖୋଜ ହୋଇଯାଇଛନ୍ତି। ସେ ମଧ୍ୟାହ୍ନରେ ବୈତରଣୀକୁ ଗାଧୋଇ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ନଦୀରେ ଅଧିକ ପାଣି ଥିବାରୁ ଗ୍ରାମ ଲୋକ ଓ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ବହୁ ଖୋଜାଖୋଜି କରି ପାଇ ନ ଥିଲେ। ଉକ୍ତ ନଦୀଘାଟରୁ ବାଲି ଉତ୍ତୋଳନ ଯୋଗୁ ନଦୀର ବିଭିନ୍ନ ସ୍ଥାନରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇ ପାଣି ରହିଥିବ ନଚେତ୍ ଚୋରା ବାଲିରେ ବାଳକଜଣକ ଫସିଯାଇଥିବା ସନ୍ଦେହ କରାଯାଉଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ବାଳକ ର କୌଣସି ସନ୍ଧାନ ମିଳିନାହିଁ।

# କେନ୍ଦୁଝର ଜିଲାରେ ସ୍ଥିତି ଜଟିଳ

କେନ୍ଦୁଝର,୨୬।୭(ଡି.ଏନ୍.ଏ/(ସ୍ୱ.ପ୍ର.):

■ ଚିନ୍ତା ବଢ଼ାଇଲା କୁଶକଳା ଗାଁ
■ ମେଡିକାଲ କଲେଜ ନିର୍ମାଣ କୋଠା ପାଲଟିଲା ହଟସ୍ପଟ



କେନ୍ଦୁଝର ଜିଲାରେ କରୋନାର ସ୍ଥିତି ଦିନକୁ ଦିନ ଜଟିଳ ହେବାରେ ଲାଗିଥିବାବେଳେ ରବିବାର ଗୋଟିଏ ଦିନରେ ୧୦୩ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଅପରାହ୍ନରେ ଜିଲାପାଳ ଆଶିଷ ଠାକ୍‌ରେ ଏକ ଖବରଦାତା ସମ୍ମିଳନୀ ଡ଼ାକି ଜିଲାର କୋଭିଡ୍ ପରିସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜିଲାରେ ମୋଟ ୬୧୦ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ସେଥିମଧ୍ୟରୁ ୩୯୧ ସୁସ୍ଥ ହୋଇଛନ୍ତି ଓ ୨୧୯ ଜଣ ଚିକିତ୍ସିତ ହେଉଛନ୍ତି । ୧୦୩ ନୂତନ ଆକ୍ରାନ୍ତଙ୍କ ମଧ୍ୟରୁ ୬୪ଜଣ ସ୍ଥାନୀୟ ସଂକ୍ରମିତ ହୋଇଥିବାବେଳେ ୩୩ଜଣ କ୍ୱାରାଣ୍ଟାଇନ୍ କେନ୍ଦ୍ରରୁ ଓ ୬ଜଣ କରୋନା ଯୋଦ୍ଧା ଅଛନ୍ତି ବୋଲି ଜିଲାପାଳ ସୂଚନା ଦେଇଛନ୍ତି । ସ୍ଥାନୀୟ ଆକ୍ରାନ୍ତଙ୍କ ମଧ୍ୟରୁ ବାଂଶପାଳ ବ୍ଲକ ସିଂପୁର ପଞ୍ଚାୟତ କୁଶକଳା ଗ୍ରାମର ୨୦ଜଣ, ସଦର ବ୍ଲକ ବୋଦାପଳଶା ଗ୍ରାମର ସରକାରୀ ମେଡିକାଲ କଲେଜର ୨୧ଜଣ, ଘଷିପୁରା ବ୍ଲକର ସାଇଁକୁଳ ପଞ୍ଚାୟତରୁ ୨, ହାଟଡିହି ବ୍ଲକ ଡଅଁର ପଞ୍ଚାୟତର ୧, ଝୁମ୍ପୁରା ବ୍ଲକ ଚୁକୁଡିହାରୁ ୩, ଆନନ୍ଦପୁର ପୌରପାଳିକାର ୨ ନମ୍ବର ୱାର୍ଡରୁ ୧, ୫ ନମ୍ବରରୁ ୩ ଓ ୧୩ ନମ୍ବରରୁ ୬, କେନ୍ଦୁଝରଗଡ ପୌରପାଳିକାର ୧ ନମ୍ବର ୱାର୍ଡରୁ ୧, ୫ ନମ୍ବର ୱାର୍ଡରୁ ୨, ୮ରୁ ୨, ୧୫ରୁ ୧ ଚିହ୍ନଟ ହୋଇଛନ୍ତି। କୁଶକଳା ଗ୍ରାମର ୨୦ ଆକ୍ରାନ୍ତ ପ୍ରଶାସନର ଚିନ୍ତା ବଢ଼ାଇଛି। ସଦର ବ୍ଲକ ବୋଦାପଳସା ପଞ୍ଚାୟତର କବିଡ୍ରାରେ ନିର୍ମାଣାଧୀନ ସରକାରୀ ମେଡ଼ିକାଲ କଲେଜ କରୋନା ହଟସ୍ପଟ ପାଲଟିଛି । ଏଠାରେ ୨୧ କରୋନା ପଜିଟିଭ ବାହାରିବା ଓ ସବୁ ଲୋକାଲ କଣ୍ଟାକ୍ଟ ପଜିଟିଭ୍ ବୋଲି ଜଣାପଡିଛି । ଏହାକୁ ନେଇ କବିଡ୍ରା ଗ୍ରାମବାସୀ ଚିନ୍ତାରେ ରହିଛନ୍ତି । ଜିଲାରେ ସାପ୍ତାହିକ ଶଟ୍‌ଡାଉନର ଅବଧି ଜୁଲାଇ ୨୬ ତାରିଖରେ ଶେଷ ହେଉଥିବାବେଳେ ପରବର୍ତ୍ତୀ ଅବସ୍ଥାକୁ ଦେଖି ଓ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି ।



ଜିଲାପାଳ ଆଶିଷ ଠାକ୍‌ରେ ସୂଚନା ଦେଉଛନ୍ତି।

### ବଡ଼ବିଲ୍‌ରେ ଶଟ୍‌ଡାଉନ ଅବଧି ବଢ଼ିଲା

ବଡ଼ବିଲ୍,୨୬।୭(ସ୍ୱ.ପ୍ର.):

କେନ୍ଦୁଝର ଜିଲା ବଡ଼ବିଲ ପୌରାଞ୍ଚଳରେ କରୋନା ଗୋଷ୍ଠୀ ସଂକ୍ରମଣକୁ ଆଖି ଆଗରେ ରଖି ଜିଲା ପ୍ରଶାସନ ପକ୍ଷରୁ ଶଟ୍ ଡାଉନ୍ ଅବଧିକୁ ବଢ଼ାଇ ଦିଆଯାଇଛି। ଚିଠି ସଂଖ୍ୟା ୩୩୫୧/୨୫।୭।୨୦୨୦ ଅନୁଯାୟୀ ଆସନ୍ତା ଅଗଷ୍ଟ ୨ ତାରିଖ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହି ଶଟ୍ ଡାଉନ ବଳବତ୍ତର ରହିବ ବୋଲି ଜିଲା ପ୍ରଶାସନ ଘୋଷଣା କରିଛି। ତେବେ ଏଥର ଶଟ୍‌ଡାଉନରେ ଜିଲା ପ୍ରଶାସନ ସାମାନ୍ୟ କୋହଳ କରିଛି। ଗ୍ରସୋରି, ପରିବା ଓ କ୍ଷୀର ଦୋକାନଗୁଡିକୁ ସକାଳ ୭ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖୋଲିବାକୁ ଅନୁମତି ଦିଆଯାଇଛି। ଶଟ୍‌ଡାଉନ ଫଳରେ ମଧ୍ୟମ ବର୍ଗର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ବାରମ୍ବାର ଅବଧି ବୃଦ୍ଧି ସେମାନଙ୍କ ମାନସିକ ଦୁଶ୍ଚିନ୍ତା ବଢାଇ ଦେଇଛି।

### ଆନନ୍ଦପୁର ପୌରପରିଷଦ ଶଟ୍‌ଡାଉନ୍

ଆନନ୍ଦପୁର,୨୬।୭(ସ୍ୱ.ପ୍ର.)

କରୋନା ସଂକ୍ରମଣ ରୋକିବା ପାଇଁ ଆନନ୍ଦପୁର ପୌରପରିଷଦକୁ କେନ୍ଦୁଝର ଜିଲାପାଳ ୭ ଦିନ ପାଇଁ ଶଟ୍ ଡାଉନ୍ ଘୋଷଣା କରିଛନ୍ତି। ଏହି ସମୟରେ ଔଷଧ ବ୍ୟତୀତ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ସକାଳ ୭ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖୋଲାଯିବ। ୨୭ ତାରିଖ ସକାଳ ୫ଟାଠାରୁ ଅଗଷ୍ଟ ୨ ତାରିଖ ସକାଳ ୫ଟା ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶନାମା ବଳବତ୍ତର ରହିବ। ଏହି ସମୟରେ ଏଟିଏମ ଖୋଲା ରହିବାକୁ ନିଷ୍ପତ୍ତି ନିଆଯାଇଥିବାବେଳେ ବିଭିନ୍ନ ବ୍ୟାଙ୍କ ଶାଖାଗୁଡିକ ବନ୍ଦ ରହିବ। ଏପରିକି ସମସ୍ତ ନିର୍ମାଣ କାର୍ଯ୍ୟ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନ ସରକାରୀ କାର୍ଯ୍ୟାଳୟ, ଘରୋଇ ପ୍ରତିଷ୍ଠାନଗୁଡ଼ିକ ମଧ୍ୟ ବନ୍ଦ ରହିବ ବୋଲି ସୂଚନା ମିଳିଛି। ନିୟମ ଉଲ୍ଲଂଘନ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶ ରହିଛି।

ସେହିପରି ବାଂଶପାଳ ବ୍ଲକ ଅଁରାରେ ଥିବା ଏକ କାରଖାନାର ୨ କର୍ମଚାରୀ ପଜିଟିଭ୍ ଚିହ୍ନଟ ହେବା ପରେ ଜିଲାପାଳ ଏହି କାରଖାନାକୁ ଅଗଷ୍ଟ ୯ ତାରିଖ ପର୍ଯ୍ୟନ୍ତ ଶଟ୍‌ଡାଉନ ଘୋଷଣା କରିଛନ୍ତି।

# ଅଯୋଧ୍ୟା ଗଲା ମାଟି, ଜଳ



ପରିଷଦ ପକ୍ଷରୁ ବାବା ପଞ୍ଚଲିଙ୍ଗେଶ୍ୱର ପୀଠରୁ ଜଳ ଓ ମାଟି ସଂଗ୍ରହ କରାଯାଉଛି।

ବାଲେଶ୍ୱର ଅଫିସ, ୨୬।୭

କ୍ଷୀରଚୋରା ଗୋପୀନାଥ ଧାମ, ବାବା ପଞ୍ଚଲିଙ୍ଗେଶ୍ୱର ପୀଠ, ଆଦ୍ୟ ଓ ଗୁପ୍ତ ତ୍ରିବେଣୀ ତୀର୍ଥ ସ୍ଥାନରୁ ଜଳ ଓ ମାଟି ସଂଗ୍ରହ କରାଯାଇ ରବିବାର ଅଯୋଧ୍ୟା ରାମମନ୍ଦିର ଶିଳାନ୍ୟାସ ଉପଲକ୍ଷେ ପଠାଯାଇଛି। ବିଶ୍ୱ ହିନ୍ଦୁ ପରିଷଦ ବାଲେଶ୍ୱର ଶାଖା ନେତୃତ୍ୱରେ ଏହା ପଠାଯାଇଥିବା ପରିଷଦର ଜିଲା ସମ୍ପାଦକ ସଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି।

ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ନିର୍ମାଣ ଉଦ୍‌ଘାଟନ ଉତ୍ସବରେ ସାରା ଭାରତରୁ ପବିତ୍ର ଓ ପୁଣ୍ୟତୀର୍ଥରୁ ମାଟି ଓ ଜଳ ସଂଗ୍ରହ କରାଯାଉଛି। ଏହି ପବିତ୍ର କାର୍ଯ୍ୟକ୍ରମରେ ବାଲେଶ୍ୱରର ବିଭିନ୍ନ ତୀର୍ଥସ୍ଥଳରୁ ମାଟି ଓ ଜଳ ବିଧି ଅନୁସାରେ ପୂଜା କରାଯାଇ ଶ୍ରୀରାମ ଜନ୍ମଭୂମି ଅଯୋଧ୍ୟାକୁ ପଠାଯାଇଛି। କାର୍ଯ୍ୟକ୍ରମକୁ ଜିଲାର ଅଗ୍ରଣୀ ସଙ୍ଗଠନର ପ୍ରମୁଖ ସଙ୍ଗଠକମାନେ ଉପସ୍ଥିତ ରହି କାର୍ଯ୍ୟ ସମ୍ପାଦନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପରିଷଦର ଜିଲା ଉପସଭାପତି ଜ୍ଞାନରଞ୍ଜନ ଦାଶ, ତୁଷାରକାନ୍ତ ପଣ୍ଡା, ବରୁଣ ରାୟ, ସୁଶୀଳ କୁମାର ଜେନା ଓ ମାନସ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ଭୋକ ଉପାସରେ ୫ ଭଉଣୀଭାଇ

ହାଟଡିହୀ, ୨୬।୭(ଡି.ଏନ.ଏ.)

ଦୁଃଖ ଦୁର୍ଦ୍ଦଶା କେତେବେଳେ ଆସେ କେହି କହିପାରନ୍ତି ନାହିଁ। କେବଳ ଭାଗ୍ୟକୁ ଆଦରି ଜୀବନରେ ସଂଗ୍ରାମ କରିବାକୁ ପଡେ। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସମଣା ପଞ୍ଚାୟତ ବାହାରିପୁର ଗ୍ରାମରେ। ଗୋଟିଏ ପରିବାର ବହୁତ ଦୁଃଖକଷ୍ଟରେ ଜୀବନ ଅତିବାହିତ କରୁଛନ୍ତି। ପରିବାର କହିଲେ ୫ ଭାଇଭଉଣୀ। ୩ ବର୍ଷ ହେଲା ମା'ଙ୍କର ମୃତ୍ୟୁ ହୋଇସାରିଛି। ଆଉ ବାପା ହରିନାଥ ଜେନା ମୂଲ ମଜୁରୀ ଲାଗି ପରିବାର ଚଳେଇବା ପାଇଁ କଲିକତା ଯାଇଥିଲେ। କିନ୍ତୁ ୭ ମାସ ହେଲା ତାଙ୍କର ଆଉ କିଛି ଖୋଜଖବର ନାହିଁ। ବାପାଙ୍କ ଫେରିବା ବାଟକୁ ଭାଇଭଉଣୀ ଚାହିଁ ବସିଛନ୍ତି। ପାଠପଢା ବୟସରେ ଏମାନଙ୍କୁ ପେଟ ପାଇଁ ଦାନା ଓ ପିଠି ପାଇଁ କନା ଯୋଗାଡ଼ କରିବା ଚିନ୍ତା ଘାରିଛି। ଭଙ୍ଗା ଦଦରା ମାଟି ଝୁମ୍ପୁଡ଼ି ଘରେ ବହୁ ସମୟରେ ଭୋକଉପାସରେ ଦିନ କାଟୁଛନ୍ତି । ବର୍ଷା ହେଲେ ରାତିଅନିଦ୍ରା ହୋଇ ରହିବାକୁ ପଡୁଛି। ସରକାରୀ ଆବାସ ଯୋଜନାରେ ଘରେ ଖଣ୍ଡିଏ ବି ମିଳିପାରିନାହିଁ। ଅଭାବ ଅନଟନରେ ୫ ପ୍ରାଣୀ ଦୁଃଖ କଷ୍ଟରେ ଜୀବନ ବିତାଉଛନ୍ତି। ଏମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସହାୟତା କରିବାକୁ ସ୍ଥାନୀୟବାସିନ୍ଦା ନିବେଦନ କରିଛନ୍ତି।



ଭଙ୍ଗା ଘରେ ଭଉଣୀଭାଇ।

### ଚାନ୍ଦିପୁର ବେଳାଭୂମି ସଫେଇ

ବାଲେଶ୍ୱର ଅଫିସ,୨୬।୭–

କାର୍ଗିଲ ବିଜୟ ଦିବସରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ରବିବାର ବାଲେଶ୍ୱର ଜିଲା ଚାନ୍ଦିପୁର ବେଳାଭୂମିକୁ ସଫେଇ କରାଯାଇଛି। ଛାତ୍ରନେତା ତଥା ଫକୀରମୋହନ କଲେଜ ପୂର୍ବତନ ଛାତ୍ର ସଂସଦ ସଭାପତି ହରେକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବେଳାଭୂମି ସହ ପାନ୍ଥନିବାସର ଉଭୟ ପାର୍ଶ୍ୱରେ ଜମି ରହିଥିବା ଅଳିଆ ଆବର୍ଜନାକୁ ଉପଯୁକ୍ତ ସ୍ଥାନରେ ଜମା କରାଯାଇଥିଲା। ସେଥିମଧ୍ୟରୁ ଜୈବ ଉପଯୋଗୀ ଓ ଜୈବ ଅନୁପଯୋଗୀ ଅଳିଆକୁ ଅଲଗା ଅଲଗା ଶ୍ରେଣୀଭୁକ୍ତ କରାଯାଇଥିଲା। ଶିବଶଙ୍କର ପରିଡ଼ା, କମଳ ଲୋଚନ ମୈକାପ, ପ୍ରଦୀପ ମାରାଣ୍ଡି, ନୀଳାଦ୍ରି ନିବାସିନି ଦାସ, ଶଙ୍କର ନାଥ ଗୁଡ୍ଡୁ, ସୁବାସ ଚନ୍ଦ୍ର ଗିରି, ରାକେଶ ବାରିକ, କିରଣ୍ମୟୀ ଜେନା, ବିପିନ୍ ଗୁଡ୍ଡୁ, ସୁମତି ସିଂ, ଜଗନ୍ନାଥ ମାରାଣ୍ଡି ପ୍ରମୁଖ ଉପସ୍ଥିତ ରହି ସଫେଇ କାର୍ଯ୍ୟରେ ଭାଗ ନେଇଥିଲେ।

# ପାଣି ପାଇପ୍ ଫାଟିଲା, ରାସ୍ତା ଭାଙ୍ଗିଲା



ପାଇପ୍ ଫାଟି ପାଣି ଜମିଛି।

କେନ୍ଦୁଝର,୨୬।୭ (ସ୍ୱ.ପ୍ର.):

କେନ୍ଦୁଝର ସହରରେ ରାସ୍ତାଘାଟ ନିର୍ମାଣ, ବିଦ୍ୟୁତୀକରଣ ଓ ପାଇପ୍ ବିଛାଇବା ଆଦି କାମ ଚାଲିଥିଲେ ହେଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ସରକାରଙ୍କ ବ୍ୟାପକ କ୍ଷୟକ୍ଷତି ଘଟିବା ସହ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଛି। ଏନେଇ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସମସ୍ୟା ବଢ଼ିବାରେ ଲାଗିଛି । ଏଭଳି ନିକଟରେ ଏନଏଚ ୪୯ କଡ଼ରେ ଗାନ୍ଧୀଛକଠାରୁ ମୋଚିବନ୍ଧ ସ୍କୁଲ ପର୍ଯ୍ୟନ୍ତ ପାଇପ୍ ବିଛାଇବା ପାଇଁ ମେଶିନ ଦ୍ୱାରା ଖୋଳାଯାଇଥିବା ବେଳେ ମାଟି ତଳେ ବିଛା ଯାଇଥିବା ପାଣି ପାଇପ୍ ଫାଟିବା ସହ ରାସ୍ତା ଭାଙ୍ଗି ଯାଇଛି। ପାଣି ପାଇପ୍ ଫାଟିବା ଯୋଗୁଁ ବହୁ ପାଣି ନଷ୍ଟ ହେଉଛି। ସେହିପରି ରାସ୍ତା ଖୋଳାଯିବା ଫଳରେ ଯାତାୟତରେ ସମସ୍ୟା ସୃଷ୍ଟି ହେଉଛି। ରାସ୍ତାରେ ମାଟି ପଡ଼ିବା ଫଳରେ ବର୍ଷା ହେଲେ କାଦୁଅ ହେବା ଏବଂ ଯିବା ଆସିବାରେ ଦୁର୍ଘଟଣା ଘଟିବା ଆଶଙ୍କା ରହୁଛି। ବିଭିନ୍ନ ବିଭାଗ ମଧ୍ୟରେ ଆଲୋଚନା କରା ନ ଯାଇ ମନଇଚ୍ଛା ଏଭଳି ରାସ୍ତା ଖୋଳି ଦିଆଯିବା ଫଳରେ ହେଉଥିବା କ୍ଷତିର କ୍ଷତିପୂରଣ ସମ୍ପୃକ୍ତ କାମ କରୁଥିବା ସଂସ୍ଥା ବା ବିଭାଗଠାରୁ ଆଦାୟ କରିବା ସହ ତୁରନ୍ତ ମରାମତି କରିବାକୁ ଦାବି ହେଉଛି।

# ଖୋଲାରେ ଶୌଚ କରୁଛନ୍ତି ଗ୍ରାମବାସୀ

ସଜନାଗଡ଼, ୨୬।୭(ଡି.ଏନ.ଏ.)

**ବାଇଗଡିହାରେ ପହଞ୍ଚିପାରିନି 'ସ୍ୱଚ୍ଛ ଭାରତ ଅଭିଯାନ'**

ଗାଁଠାରୁ ସହର ହେବ ସ୍ୱଚ୍ଛ ଖୋଲା ମଳମୁକ୍ତ। ଏଥିପାଇଁ କେନ୍ଦ୍ରସରକାର ସ୍ୱଚ୍ଛ ଭାରତ ମିଶନ ଜରିଆରେ ଘରେ ଘରେ ପାଇଖାନା ନିର୍ମାଣ ଉପରେ ଗୁରୁତ୍ୱ ଦେଉଛନ୍ତି। ସଚେତନତା ନାମରେ ବ୍ୟାପକ ଅର୍ଥ ମଧ ବ୍ୟୟ ହେଉଛି। ଏନେଇ ପୂର୍ବରୁ 'ସମ୍ପୂର୍ଣ୍ଣ ପରିମଳ ଅଭିଯାନ', 'ନିର୍ମଳ ଭାରତ ଅଭିଯାନ' ଏବଂ ଏବେ ଚାଲୁ ରହିଥିବା 'ସ୍ୱଚ୍ଛ ଭାରତ ଅଭିଯାନ' କାର୍ଯ୍ୟକ୍ରମ ହୋଇଥିଲେ ସୁଦ୍ଧା ଅନେକ ଗ୍ରାମରେ ଏହାର ପାଦ ପଡିନାହିଁ। ଔପଦା ବ୍ଲକର ଦକ୍ଷିଣନରସିଂହପୁର ପଞ୍ଚାୟତ ବାଇଗଡ଼ିହା ଗ୍ରାମ ଏହାର ଉଦାହରଣ।

ଉକ୍ତ ଗ୍ରାମରେ ୪୧ଟି ପରିବାର ରହୁଥିବା ବେଳେ ପାଖାପାଖି ୩୦୦ ଲୋକେ ବସବାସ କରୁଛନ୍ତି। ଗ୍ରାମରେ କୌଣସି ଘରେ ସରକାରଙ୍କ ସହଯୋଗରେ ପାଇଖାନାଟିଏ ନ ଥିବାରୁ ଗ୍ରାମର ମହିଳା ଏବଂ ପୁରୁଷଙ୍କ ସମେତ ଛୋଟ ଛୋଟ ପିଲାମାନେ ମଧ ଘରଠାରୁ କିଛିଦୂରରେ ଥିବା ପଡ଼ିଆ ଓ ବିଲକୁ ଯାଇ ଖୋଲାରେ ଶୌଚ କରୁଛନ୍ତି। ବର୍ଷାଦିନେ ଲୋକେ ଏନେଇ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏନେଇ ଗ୍ରାମବାସୀ ବହୁବାର ପ୍ରଶାସନକୁ ଅବଗତ କରିଥିବା ସତ୍ତ୍ୱେ ଏଯାଏ ଗ୍ରାମରେ ପାଇଖାନାଟିଏ ନିର୍ମାଣ ହୋଇପାରିନାହିଁ। ଗତକିଛିଦିନ ପୂର୍ବରୁ ଗ୍ରାମବାସୀ ଏନେଇ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କୁ ଅବଗତ କରିଥିଲେ। ବିଧାୟକ ଇଂ. ନାୟକ ଉକ୍ତ ଗ୍ରାମରେ ପାଇଖାନା ନିମନ୍ତେ ଶନିବାର ଏକ ପତ୍ର ଜିଲାପାଳ, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଏବଂ ପିଡି ଡିଆର୍‌ଡିଏଙ୍କୁ ପ୍ରେରଣ କରିଥିଲେ। ଯଥାଶୀଘ୍ର ଉକ୍ତ ଗ୍ରାମରେ ଥିବା ସମସ୍ୟାର ସମାଧାନ ପାଇଁ ବିଧାୟକ ଇଂ. ନାୟକ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

# ରୋଟାରୀ କ୍ଲବର ଅଧିଷ୍ଠାନ ଦିବସ

ବାଲେଶ୍ୱର ଅଫିସ, ୨୬।୭



ଅତିଥିମାନେ କ୍ଲବର ମୁଖପାତ୍ର 'ରେଞ୍ଜର' ଉନ୍ମୋଚନ କରୁଛନ୍ତି।

ବାଲେଶ୍ୱର ରୋଟାରୀ କ୍ଲବର ୫୩ତମ ଅଧିଷ୍ଠାନ ଦିବସ ଭର୍ଚୁଆଲ ମୋଡ଼ରେ ଅନୁଷ୍ଠିତ ହୋଇଛି। ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ୩୨୬୨ର ରୋଟାରିଆନ ସୌମ୍ୟରଞ୍ଜନ ମିଶ୍ର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦାୟୀ ସଭାପତି ମାତୃଦତ୍ତ ଦାସ ନୂତନ ସଭାପତି ଭାବଗ୍ରାହୀ ମହାନ୍ତିଙ୍କୁ ଏବଂ ବିଦାୟୀ ସମ୍ପାଦକ ରୋଟାରିଆନ ଉମାଶଙ୍କର ମିଶ୍ର ନୂତନ ସମ୍ପାଦକ ରୋଟାରିଆନ ପ୍ରଦୀପ୍ତ ପଣ୍ଡାଙ୍କୁ ସ୍ୱାଗତ କରିଥିଲେ। ମହାରାଷ୍ଟ୍ର ପୁନେର ରୋଟାରିଆନ ତଥା ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ୩୧୩୧ର ପଙ୍କଜ ସାହା ମୁଖ୍ୟବକ୍ତା ଭାବେ ଯୋଗଦେଇ ମିଳିତ ଭାବରେ କ୍ଲବର ମୁଖପାତ୍ର 'ରେଞ୍ଜର' ଉନ୍ମୋଚିତ କରି ସ୍ୱାସ୍ଥ୍ୟସେବା ପାଇଁ ବାଲେଶ୍ୱର ରୋଟାରୀ କ୍ଲବର ବିଭିନ୍ନ ପଦକ୍ଷେପ ଲୋକାଭିମୁଖୀ ହୋଇଥିବାର ପ୍ରକାଶ କରିଥିଲେ। ଭର୍ଚୁଆଲ ମୋଡ଼ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୨ଜଣ ପୁରାତନ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଯୋଗଦେଇଥିବା ବେଳେ ସାରା ରାଜ୍ୟର ଅନ୍ୟ କ୍ଲବର ସଦସ୍ୟମାନେ ଯୋଗଦେଇ ସେମାନଙ୍କର ମତାମତ ରଖିଥିଲେ। ସଭ୍ୟ ସୁବ୍ରତ କର ଓ ଉଦୟ ରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ରୋଟାରିଆନ ଉପସଭାପତି ବିଷ୍ଣୁଦାସ କୁଣ୍ଡୁ, ବିଶ୍ୱଦୀପ ପଣ୍ଡା, ସପନ ମହାପାତ୍ର ପ୍ରମୁଖ ଅତିଥି ପରିଚୟ ଦେଇଥିଲେ। ୩୨୩୨ର ଆସନ୍ତା ଗଭର୍ଣ୍ଣର ରୋଟାରିଆନ ଶାନ୍ତନୁ ପାଣି ନୂତନ ସଭ୍ୟ ଅଶୋକ କୁମାର ପୁରୀଙ୍କୁ ଶପଥ ପାଠ କରାଇଥିଲେ।

୧୯୬୮ରେ ବାଲେଶ୍ୱରଠାରେ ପ୍ରତିଷ୍ଠା ହୋଇଥିବା ଏହି ଅନୁଷ୍ଠାନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କୁ ସହାୟତା ଯୋଗାଇ ଆସିଛି। ରକ୍ତଦାନ ଶିବିର, ମୋତିଆବିନ୍ଦୁ ଓ ଅନ୍ୟାନ୍ୟ ଚକ୍ଷୁ ଅସ୍ତ୍ରୋପଚାର, ଅସହାୟ ଝିଅପୁଅଙ୍କ ବିବାହ ଆଦି କାର୍ଯ୍ୟରେ ଏହି ଅନୁଷ୍ଠାନର ସଦସ୍ୟମାନେ ସହଯୋଗ କରିଆସୁଛନ୍ତି। କୋଭିଡ୍-୧୯ ସମୟରେ ଜିଲାର ବିଭିନ୍ନ ସ୍ଥାନର ସାନିଟାଇଜର ସ୍ଥାପନ କରିବା, ଅସହାୟଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ବାଣ୍ଟିବା ଓ ସଚେତନ କରାଇବା ଭଳି କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି। ଏହି ଅନୁଷ୍ଠାନରେ ୮୭ଜଣ ସଦସ୍ୟ ରହିଛନ୍ତି। ଭର୍ଚୁଆଲ ଅଧିଷ୍ଠାନ ଦିବସ କାର୍ଯ୍ୟକ୍ରମରେ ରୋଟାରିଆନ ଭି ଉଦୟ କୁମାର, ସୌରଭ ବେହେରା, ଯୋଗେଶ ସାହା, ସୁଖମୟ ଦାସ, ନିଖିଲ ଖଣ୍ଡେଲୱାଲ, ସନ୍ତୋଷ ନାୟକ, ସମର ତାଲଦି, ପଦାରବିନ୍ଦ ମହାପାତ୍ର, ସତ୍ୟ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଅଧିଷ୍ଠାନ ଦିବସରେ ଇନରହ୍ୱିଲ କ୍ଲବର ପୂର୍ବତନ ସଭାପତି, ନୂତନ ସଭାପତି ସୁମିତା ଚାନ୍ଦ, ପୂର୍ବତନ ସମ୍ପାଦକ ସିପ୍ରାରେଖା ମହାପାତ୍ର, ନୂତନ ସମ୍ପାଦକ ଇନ୍ଦୁଦେବୀଙ୍କୁ ସ୍ୱାଗତ କରିଥିଲେ। ରୋଟ୍ରାକ୍ଟ କ୍ଲବର ସଭାପତି କାର୍ଯ୍ୟଭାର ଗ୍ରହଣ କରିଥିଲେ।

# ନ୍ୟାୟ ନ ମିଳିଲେ ଅନଶନରେ ବସିବେ ବିପିନଙ୍କ ପରିବାର

ଖଇରା, ୨୬।୭(ଡି.ଏନ.ଏ.)

ଡାକ୍ତରଙ୍କ ଭୁଲ ଇଞ୍ଜେକଶନ ଯୋଗୁ ବାଲେଶ୍ୱର ଜିଲା ଖଇରା ଥାନା ଜଳଦା ଗ୍ରାମର ବିପିନ ମଲ୍ଲିକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ଦେଢ ମାସରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଖଇରା ପୋଲିସ କେବଳ ଏକ ଅପମୃତ୍ୟୁ ମାମଲା(ନଂ.୮/୨୦)ରୁଜୁ କରି ଚୁପ୍ ବସିଛି। ସେପଟେ ମୃତକଙ୍କ ପତ୍ନୀ ପ୍ରଭାତୀ ଓ ଭାଇ ମଧୁସୂଦନ ନ୍ୟାୟ ପାଇଁ ବୁଲି ବୁଲି ନୟାନ୍ତ ହେଲେଣି। ନିକଟରେ ସେମାନେ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେବା ପରେ ମାନବ ଅଧିକାର ଫ୍ରଣ୍ଟ ଜରିଆରେ ଖୋଳତାଡ ଆରମ୍ଭ ହୋଇଛି। ତେବେ ପୋଲିସର ନୀରବତା, ଅସହାୟ ବିପିନଙ୍କ ପରିବାରକୁ ୫୦ଲକ୍ଷ ଟଙ୍କାର କ୍ଷତିପୂରଣ ଦାବି ସମ୍ପର୍କରେ ଶୁକ୍ରବାର ମୁହଁ ଖୋଲିଛନ୍ତି ବଡଭାଇମଧୁସୂଦନ। ମାନବାଧିକାର ଫ୍ରଣ୍ଟର ରାଜ୍ୟ ସଂଯୋଜକ ରମେଶ ଭାରତୀ, ଖଇରା ସିମୁଳିଆର ସଂଯୋଜକ କାହ୍ନୁ ପାକଳ, ରେମୁଣା ବ୍ଲକ ଆବାହିକା ଭାରତୀ ପଣ୍ଡା, ଜଳଦା ପଞ୍ଚାୟତ ସମିତିସଭ୍ୟା ସୁଲୋଚନା ଦାସଙ୍କ ଉପସ୍ଥିତିରେ ଏକ ଖବରଦାତା ସମ୍ମିଳନୀରେ ଘଟଣାର ବିବରଣୀ ପ୍ରଦାନ କରାଯାଇଛି।

ମେ' ୨୯ ତାରିଖରେ ବିପିନ ବମ୍ବେରୁ ଫେରି ଜଳଦା ନୋଡାଲ ସ୍କୁଲ ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ । ଜୁନ ୪ତାରିଖରେ ବିପିନଙ୍କ ଛାତିରେ ଯନ୍ତ୍ରଣା ହେବାରୁ ଭାଇ ମଧୁସୂଦନ ପ୍ରଥମେ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଆମ୍ବୁଲାନ୍ସ ଆସିବାକୁ ମନା କରିବା ପରେ ସଙ୍ଗରୋଧ କେନ୍ଦ୍ର ବୋର୍ଡରେ ଥିବା ନମ୍ବରରେ ସେ ଫୋନ କରି ନିରାଶ ହୋଇଥିଲେ। ଶେଷରେ ମଧୁସୂଦନ ଏକ ବାଇକ ଯୋଗେ ବିପିନଙ୍କୁ ସୋର ମେଡିକାଲକୁ ନେବା ପରେ ସେଦିନ ରାତିରେ ଦାୟିତ୍ୱରେ ଥିବା ଡାକ୍ତର ତରବରିଆ ଭାବେ ଏକ ଇଞ୍ଜେକ୍ସନ ଦେଇଥିଲେ। ଡାକ୍ତରଖାନାରେ ବିପିନ ବସିଥିବା ଚୌକି ଉପରେ ହିଁ ଆଖି ବୁଜିଦେଇଥିଲେ। ଡାକ୍ତରଙ୍କ ଏଭଳି ଅବହେଳା ସମ୍ପର୍କରେ ଉଭୟ ସୋର ଓ ଖଇରା ଥାନାରେ ପରିବାର ଲୋକ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ପୋଲିସ ଖାମଖିଆଲି ଭାବେ ନେଉଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଖଇରା ଥାନା ଆଇଆଇସି ସୁବ୍ରତ ବେହେରାଙ୍କ ମତାମତ ନେବାରେ ଅପମୃତ୍ୟୁ ମାମଲା ରୁଜୁ ହେବା ପରେ କାର୍ଯ୍ୟାନୁଷ୍ଠାନ ଦାବି ନେଇ କୌଣସି ଲିଖିତ ଅଭିଯୋଗ ତାଙ୍କ ନିକଟକୁ ଆସିନାହିଁ ବୋଲି କହିଛନ୍ତି ।

